# ବାରମାସର ନାମ ଜାଣିବା






ଦଶହରା ଛୁଟି ହୋଇଥାଏ । ସୋନାଲି ଓ ଶେଖର ବାପା ମା'ଙ୍କ ସାଂଗରେ ଦିଲ୍ଲୀ ବୁଲି ବାହାରିଲେ । ସେମାନେ ରବିବାର ସକାଳୁ ଭୁବନେଶ୍ୱର ରେଳଷ୍ଟେସନ୍‌ରୁ ରେଳଗାଡ଼ିରେ ଚଢ଼ିଲେ । ରବିବାର ଦିନ ସାରା ରେଳଗାଡ଼ି ଚାଲିଲା । କେତେ କ'ଣ ଜିନିଷ ବିକ୍ରି ଆସୁଥାଏ । ବାପା ଥରକୁ ଥର ଆଇସ୍‌କ୍ରିମ୍, ଭଜାବୁଟ, ବାଦାମ ଆଦି କିଣି ଦେଲେ । ସେମାନେ ଗାଡ଼ିରେ ବହୁତ ମଜା କଲେ । ସୋମବାର ଦିନ ସଂଧ୍ୟାରେ ସେମାନେ ଦିଲ୍ଲୀରେ ପହଞ୍ଚିଲେ । ସେଠାରେ ମାମୁଁଘରେ ରହିଲେ । ତିନିଦିନ ବୁଲାବୁଲି କରି ଶୁକ୍ରବାର ଦିନ ଦିଲ୍ଲୀରୁ ବାହାରି ଶନିବାର ଦିନ ଘରେ ପହଞ୍ଚିଲେ ।

**ଏବେ ତୁମେ କୁହ –**

- ସୋନାଲି ଓ ଶେଖର କେଉଁ ଦିନ ରେଳଗାଡ଼ିରେ ଚଢ଼ିଲେ ?
- କେଉଁ ଦିନ ସେମାନେ ଦିଲ୍ଲୀରେ ପହଞ୍ଚିଲେ ?
- କେଉଁ କେଉଁ ଦିନ ସେମାନେ ଦିଲ୍ଲୀରେ ବୁଲିଲେ ?
- କେଉଁ ଦିନ ସେମାନେ ଦିଲ୍ଲୀରୁ ବାହାରିଲେ ?
- କେଉଁ ଦିନ ଘରେ ପହଞ୍ଚିଲେ ?

ଆସ, ଖାଲି ଘରେ ସପ୍ତାହର ବାରଗୁଡ଼ିକର ନାମ କ୍ରମରେ ଲେଖିବା –

| | | | | | | |
|---|---|---|---|---|---|---|
| | | ମଙ୍ଗଳବାର | | | | |

ଆସ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

- ମଙ୍ଗଳବାର ପରେ କେଉଁ ବାର ପଡ଼େ ? ..........................
- ମଙ୍ଗଳବାରର ପୂର୍ବ ବାରଟିର ନାମ କ'ଣ ? ..........................
- ରବିବାର ପରେ କେଉଁ ବାର ଆସେ ? ..........................
- ବୁଧବାର ଓ ଶୁକ୍ରବାର ମଝିରେ କେଉଁ ବାର ପଡ଼ିଥାଏ ? ..........................
- ସୋମବାର ଓ ଗୁରୁବାର ମଝିରେ କେଉଁ କେଉଁ ବାର ଥାଏ ? ..........................
- ସୋମବାରର ତିନିଦିନ ପରେ କେଉଁ ବାର ପଡ଼ିବ ? ..........................
- ଆସନ୍ତାକାଲି କେଉଁ ବାର ହେବ ? ..........................
- ଗତକାଲି କେଉଁ ବାର ପଡ଼ିଥିଲା ? ..........................

ଆମ ଶ୍ରେଣୀ ରୁଟିନ୍

ଦ୍ୱିତୀୟ ଶ୍ରେଣୀ



| ଦିନ / ପିରିଅଡ୍ | ୧ମ | ୨ୟ | ୩ୟ | ୪ର୍ଥ | ୫ମ | ୬ଷ୍ଠ |
|---|---|---|---|---|---|---|
| ସୋମବାର | ଭାଷା | ଗଣିତ | ଚିତ୍ରାଙ୍କନ | ପରିବେଶପାଠ | ଭାଷା | ଖେଳ |
| ମଙ୍ଗଳବାର | ଭାଷା | ଗଣିତ | ହସ୍ତକର୍ମ | ପରିବେଶପାଠ | ଭାଷା | ଖେଳ |
| ବୁଧବାର | ଭାଷା | ଗଣିତ | ହସ୍ତକର୍ମ | ପରିବେଶପାଠ | ଭାଷା | ବଗିଚା କାମ |
| ଗୁରୁବାର | ଭାଷା | ଗଣିତ | ଚିତ୍ରାଙ୍କନ | ପରିବେଶପାଠ | ଗୀତ ଓ ନାଚ | ବଗିଚା କାମ |
| ଶୁକ୍ରବାର | ଭାଷା | ଗଣିତ | ଗୀତ ଓ ନାଚ | ଭାଷା | ପରିବେଶପାଠ | ଖେଳ |
| ଶନିବାର | ଡ୍ରିଲ୍ | ଗଣିତ | ଚିତ୍ରାଙ୍କନ | ଭାଷା | ମାଟିକାମ | ବଗିଚା କାମ |

ରୁଟିନ୍‌କୁ ଦେଖି ତଳ କୋଠରିରେ ଉତ୍ତର ଲେଖ ।

| ପଢ଼ାଯାଉଥିବା ବିଷୟ | କେଉଁ କେଉଁ ବାରରେ ପଢ଼ାଯାଉଛି ? |
|---|---|
| ଚିତ୍ରାଙ୍କନ | |
| ବଗିଚ୍ଚ କାମ | |
| ଖେଳ | |
| ହସ୍ତକର୍ମ | |
| ଗୀତ ଓ ନାଚ | |
| ଗଣିତ | |

- ତୁମ ଶ୍ରେଣୀ ରୁଟିନ୍ ସଂଗ୍ରହ କର । ତାହାକୁ ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

(କ) କେଉଁ କେଉଁ ଦିନ ରୁଟିନ୍‌ରେ ଖେଳ ପିରିଅଡ୍ ଅଛି ? ..............................


(ଖ) ରୁଟିନ୍‌ରେ ନାଚ ଓ ଗୀତ ପାଇଁ ପିରିଅଡ୍ ଅଛି କି ? ହଁ / ନା

ଯଦି ଥାଏ, କେଉଁ କେଉଁ ଦିନ ଅଛି ? ..............................

(ଗ) ରୁଟିନ୍‌ରେ କେଉଁ କେଉଁ ଦିନ ଚିତ୍ରାଙ୍କନ କରିବାକୁ କୁହାଯାଇଛି ? ..............................

## ବାର ମାସର କଥା

ବର୍ଷକ ବାର ମାସ । ବାର ମାସ ଯାକ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଥିଲେ । ସେମାନେ ନିଜ ନିଜ ବିଷୟରେ କହୁଥିଲେ ।



**ମାର୍ଚ୍ଚ**

ଜାନୁଆରୀ ପରି ମୁଁ ମଧ୍ୟ
୩୧ ଦିନିଆଁ ।
ମୁଁ ବର୍ଷର ତୃତୀୟ ମାସ ।

**ଅପ୍ରେଲ୍**

ମାର୍ଚ୍ଚ ମାସ ପରେ ମୁଁ
ଆସିଥାଏ । ମୁଁ ୩୦ଦିନ
ପାଇଁ ଆସିଥାଏ । ମୁଁ ଆସିଲେ
ଅଧିକ ଖରା ହୋଇଥାଏ ।

**ମଇ**

ବର୍ଷର ପଞ୍ଚମ ମାସ
ହେଉଛି ମୁଁ । ମୁଁ ୩୧ ଦିନ
ପର୍ଯ୍ୟନ୍ତ ରହେ । ଏହି ସମୟରେ
ବିଦ୍ୟାଳୟ ଗ୍ରୀଷ୍ମଛୁଟି ପାଇଁ
ବନ୍ଦ ହୋଇଥାଏ ।

**ଜୁନ୍**

ମୁଁ ୩୦ଦିନ ପାଇଁ ଆସିଥାଏ ।
ମୁଁ ବର୍ଷର ଷଷ୍ଠ ମାସ ।
ପିଲାମାନଙ୍କ ପାଇଁ ରଜପର୍ବକୁ
ନେଇ ଆସିଥାଏ । ରଜରେ
ଦୋଳିଖେଳି ପିଲାମାନେ
ଖୁସିହୁଅନ୍ତି ।

**ଜୁଲାଇ**

ବର୍ଷର ସପ୍ତମ ମାସ କହିଲେ
ମୋତେ ବୁଝାଯାଏ । ମୁଁ ୩୧
ଦିନିଆଁ । ମୁଁ ଆସିଲେ
ବର୍ଷାଦିନ ଆରମ୍ଭ
ହୋଇଥାଏ ।

**ଅଗଷ୍ଟ**

ମୁଁ ମଧ୍ୟ ଜୁଲାଇ ମାସ
ପରି ୩୧ ଦିନିଆଁ । ମୋର
ନାମ ଅଗଷ୍ଟ । ଏହି ମାସରେ
ସ୍ୱାଧୀନତା ଦିବସ ପାଳନ
କରାଯାଇଥାଏ ।

**ସେପ୍ଟେମ୍ବର**

ମୁଁ ଗୋଟିଏ ୩୦ ଦିନିଆଁ
ମାସ । ବର୍ଷର ନବମ ମାସ,
ଏହି ମାସରେ ଗୁରୁଦିବସ
ପାଳନ କରାଯାଏ ।

**ଅକ୍ଟୋବର**

ମୁଁ ଅକ୍ଟୋବର ।
ବର୍ଷର ଦଶମ ମାସ ।
ମୁଁ ୩୧ ଦିନ ପାଇଁ
ଆସିଥାଏ ।

**ନଭେମ୍ବର**

ମୁଁ ଗୋଟିଏ ୩୦ ଦିନିଆଁ
ମାସ । ଏହି ମାସରେ
ଶିଶୁଦିବସ
ପାଳନ କରାଯାଏ ।

**ଡିସେମ୍ବର**

ମୁଁ ବର୍ଷର ଶେଷ ମାସ ।
ମୁଁ ୩୧ ଦିନ ପାଇଁ
ଆସିଥାଏ । ମୁଁ ବିଦାୟ ନେଲେ
ଗୋଟିଏ ବର୍ଷ ଶେଷ
ହୋଇଥାଏ ।

ବର୍ଷର ବାରଟି ଯାକ ମାସ କ'ଣ କ'ଣ କହୁଥିଲେ ଜାଣିଲ । ଏବେ ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ-

(କ) କେଉଁ ମାସଟି ଇଂରାଜୀ ବର୍ଷର ପ୍ରଥମ ମାସ ? ..............................

(ଖ) କେଉଁ ମାସଟି ଇଂରାଜୀ ବର୍ଷର ଶେଷ ମାସ ? ..............................

(ଗ) କେଉଁ କେଉଁ ମାସଗୁଡ଼ିକ ୩୧ ଦିନିଆଁ ? ..............................

(ଘ) କେଉଁ କେଉଁ ମାସଗୁଡ଼ିକ ୩୦ ଦିନିଆଁ ? ..............................

- ଲିପି, ହାସିନା ଓ ଜର୍ଜ ସେମାନଙ୍କର ପ୍ରିୟ ମାସ ସଂପର୍କରେ କଥା ହେଉଥିଲେ-



ମଇ ଓ ଜୁନ୍ ମାସ ହେଉଛି ମୋର ପ୍ରିୟ ମାସ । ଏହି ସମୟରେ ଅଧିକ ଆମ୍ବ ଖାଇବାକୁ ମିଳିଥାଏ ।



ଲିପି



ମୋତେ କିନ୍ତୁ ଜୁଲାଇ ଓ ଅଗଷ୍ଟ ମାସ ବହୁତ ଭଲଲାଗେ । ବର୍ଷା ହେଲେ ଗାଁ ଦାଣ୍ଡରେ ମୁଁ କାଗଜଡଙ୍ଗା ଭସାଏ ।



ହାସିନା



ମୋତେ ଡିସେମ୍ବର ମାସ ସବୁଠାରୁ ଅଧିକ ଭଲ ଲାଗେ । ବଡ଼ଦିନରେ ମୋ ପାଇଁ ନୂଆ ପୋଷାକ ଆସେ ।



ଜର୍ଜ

- ତୁମକୁ ବର୍ଷର କେଉଁ ମାସ ସବୁଠାରୁ ଅଧିକ ଭଲଲାଗେ ? କାହିଁକି ? ______________

● ତଳେ ଦିଆଯାଇଥିବା ଚିତ୍ରରେ ହେଉଥିବା କାମଗୁଡ଼ିକ କେଉଁ ମାସ ସହ ସଂପୃକ୍ତ ବୋଲି ଭାବୁଛ ଲେଖ ।






ଜାଣିଛ କି ?



ଆମେ ଅକ୍ଟୋବର ମାସ
୨ ତାରିଖକୁ
ଗାନ୍ଧି ଜୟନ୍ତୀ କହିଥାଉ ।
ଏହି ଦିନ ମହାତ୍ମା ଗାନ୍ଧି
ଜନ୍ମ ହୋଇଥିଲେ ।



ନଭେମ୍ବର ମାସ
୧୪ ତାରିଖରେ ଶିଶୁ ଦିବସ
ପଡ଼ିଥାଏ ।
ଏହା ଜବାହରଲାଲ
ନେହେରୁଙ୍କ ଜନ୍ମଦିନ ।



ଆମେ ଜାନୁଆରୀ ମାସ
୨୩ ତାରିଖକୁ
ନେତାଜୀ ଜୟନ୍ତୀ କହିଥାଉ ।
ଏହି ଦିନ ନେତାଜୀ ସୁଭାଷ
ଚନ୍ଦ୍ର ବୋଷ କଟକଠାରେ
ଜନ୍ମଗ୍ରହଣ କରିଥିଲେ ।




ଅପ୍ରେଲ ମାସ
୧ ତାରିଖକୁ ଉତ୍କଳ ଦିବସ
ଭାବେ ପାଳନ କରାଯାଏ ।

● ତୁମର ଦଶଜଣ ସାଙ୍ଗଙ୍କ ନାମ ତଳ ସାରଣୀରେ ଲେଖ । ସେମାନଙ୍କୁ ପଚାରି ବୁଝି ସେମାନେ କେଉଁ ମାସରେ ଜନ୍ମ ହୋଇଛନ୍ତି ଲେଖ ।







| ସାଙ୍ଗଙ୍କ ନାମ | ଜନ୍ମ ମାସର ନାମ |
|---|---|
| | |
| | |
| | |
| | |
| | |
| | |
| | |
| | |
| | |
| | |







ତୁମର ଜନ୍ମ ମାସ ଓ ଜନ୍ମ ତାରିଖ ଘରଲୋକଙ୍କୁ ପଚାରି ବୁଝ ଓ ଲେଖ ।

| ଜନ୍ମ ମାସ | | ଜନ୍ମ ତାରିଖ | |
|---|---|---|---|

## ଓଡ଼ିଆ ମାସର କଥା–

ଆମେ ଇଂରାଜୀ ବାରମାସର ନାମ ଜାଣିଲେ । ସେହିପରି ଓଡ଼ିଆରେ ମଧ୍ୟ ମାସମାନଙ୍କର ନାମକରଣ କରାଯାଇଛି । ବର୍ଷକ ଛଅରତୁ ଓ ବାରମାସର ନାମ ତଳେ ଦିଆଯାଇଛି । ସେଗୁଡ଼ିକୁ ଦେଖ ।



| ଗ୍ରୀଷ୍ମରତୁ | |
|---|---|
| ବୈଶାଖ | ଜ୍ୟେଷ୍ଠ |



| ବର୍ଷାରତୁ | |
|---|---|
| ଆଷାଢ଼ | ଶ୍ରାବଣ |



| ଶରତରତୁ | |
|---|---|
| ଭାଦ୍ରବ | ଆଶ୍ୱିନ |



| ହେମନ୍ତରତୁ | |
|---|---|
| କାର୍ତ୍ତିକ | ମାର୍ଗଶୀର |



| ଶୀତରତୁ | |
|---|---|
| ପୌଷ | ମାଘ |



| ବସନ୍ତରତୁ | |
|---|---|
| ଫାଲ୍‌ଗୁନ | ଚୈତ୍ର |

- ଓଡ଼ିଆ ବାରମାସର ନାମକୁ କ୍ରମରେ ଲେଖ ।

______ ______ ______ ______ ______ ______

______ ______ ______ ______ ______ ______

- ଛଅଟି ରତୁ ମଧ୍ୟରୁ କେଉଁ ରତୁଟି ତୁମକୁ ସବୁଠାରୁ ଅଧିକ ଭଲଲାଗେ ? ______

  କାହିଁକି ? ______

## ଅଧିକ - କମ୍ ଦିନର ଅବଧି

ଚାରୋଟି ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଗୋଟିଏ ସପ୍ତାହରେ ହୋଇଥିଲା । ଏହାର ଆରମ୍ଭଦିନ ଓ ଶେଷଦିନ ତଳ ସାରଣୀରେ ଦିଆଯାଇଛି । ତାହାକୁ ପଢ଼ି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

| ବିଦ୍ୟାଳୟର ନାମ | କେଉଁ ଦିନ ଆରମ୍ଭ ହେଲା | କେଉଁ ଦିନ ଶେଷ ହେଲା |
|---|---|---|
| ବନମାଳୀପୁର ଉ.ପ୍ରା | ସୋମବାର | ଗୁରୁବାର |
| ସୋମନାଥପୁର ଉ.ପ୍ରା | ମଙ୍ଗଳବାର | ବୁଧବାର |
| ଗୋବିନ୍ଦପୁର ନୋଡ଼ାଲ୍ | ଗୁରୁବାର | ଶନିବାର |
| କୁସୁପୁର ନୋଡ଼ାଲ | ସୋମବାର | ଶୁକ୍ରବାର |

**ଏବେ କୁହ ଓ ଲେଖ :**

- କେଉଁ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ୨ ଦିନ ହୋଇଥିଲା ? ..............................
- କେଉଁ ବିଦ୍ୟାଳୟରେ ସବୁଠାରୁ ଅଧିକ ଦିନ କ୍ରୀଡା ପ୍ରତିଯୋଗିତା ହୋଇଥିଲା ? ..............................
- କେଉଁ ବିଦ୍ୟାଳୟରେ ସବୁଠାରୁ କମ୍ ଦିନ କ୍ରୀଡା ପ୍ରତିଯୋଗିତା ହୋଇଥିଲା ? ..............................
- କେଉଁ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ୩ ଦିନ ହୋଇଥିଲା ? ..............................



## ଅଭ୍ୟାସ କାର୍ଯ୍ୟ

୧. ମାସର ନାମ ତଳେ ତା'ର କ୍ରମିକ ନମ୍ବର ଲେଖ ।

| ଜାନୁଆରୀ | ମାର୍ଚ୍ଚ | ଜୁନ୍ | ଅଗଷ୍ଟ | ଫେବୃଆରୀ | ଅକ୍ଟୋବର |
|---|---|---|---|---|---|
| | ୩ | | | | |

| ଅପ୍ରେଲ୍ | ମଇ | ଡିସେମ୍ବର | ନଭେମ୍ବର | ସେପ୍ଟେମ୍ବର | ଜୁଲାଇ |
|---|---|---|---|---|---|
| | | | | | |

୨. ମନିଷାର ଗୋଟିଏ ସପ୍ତାହର କାମ –

| ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର |
|---|---|---|---|







| ଶୁକ୍ରବାର | ଶନିବାର | ରବିବାର |
|---|---|---|






ମନିଷା କେଉଁଦିନ କେଉଁ କାମ କରୁଛି ଲେଖ–

(କ) ସାଇକେଲ୍ ଚଲାଉଛି ____________ (ଘ) ପାଠାଗାରକୁ ଯାଉଛି ____________

(ଖ) ଖେଳୁଛି ____________ (ଙ) ଗପବହି ପଢୁଛି ____________

(ଚ) ପହଁରୁଛି ____________ (ଚ) ଭୋଜିରେ ଖାଉଛି ____________

୩. ନିମ୍ନଲିଖିତ ପର୍ବଗୁଡ଼ିକ କେଉଁ ମାସରେ ପଡ଼ିଥାଏ ଲେଖ ।

ବଡ଼ଦିନ ................................ ସ୍ୱାଧୀନତା ଦିବସ ................................

ରଜପର୍ବ ................................ ସାଧାରଣତନ୍ତ୍ର ଦିବସ ................................

ଶିଶୁଦିବସ ................................ ଗୁରୁଦିବସ ................................

ଗାନ୍ଧୀ ଜୟନ୍ତୀ................................ ଉତ୍କଳ ଦିବସ ................................